ଇ. ରାମକୃଷ୍ଣନ ଏବଂ ଅନ୍ୟମାନେ

ବନାମ

କେରଳ ରାଜ୍ୟ ଏବଂ ଅନ୍ୟମାନେ

ସେପ୍ଟେମ୍ବର 4, 1996

[କେ. ରାମାସ୍ୱାମୀ ଏବଂ ଫୈଜାନ ଉଦ୍ଦିନ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*କାମ-ଚଳା କର୍ମଚାରୀଙ୍କ ନିୟମିତୀକରଣ – ନିଯୁକ୍ତି ଅପେକ୍ଷାରେ ଥିବା ସେବା ଆୟୋଗ ଦ୍ୱାରା ଚୟନ ହୋଇଥିବା ପ୍ରାର୍ଥୀମାନେ – ଚୟନିତ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବା ଏବଂ ଖାଲି ପଦବୀଗୁଡ଼ିକୁ ସୂଚିତ କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ – ଦର୍ଶାଯାଇଛି : ଉଚ୍ଚ ନ୍ୟାୟାଳୟ ଠିକ ଭାବରେ ନିର୍ଦ୍ଦେଶ ଦେଇଛନ୍ତି – ଲୋକ ସେବା ଆୟୋଗଙ୍କ ମାଧ୍ୟମରେ ନିଯୁକ୍ତି ନିୟମାବଳୀ ଏବଂ ଚୟନ ପାଇଁ ବୈଧାନିକ ପ୍ରକ୍ରିୟା ବ୍ୟତିରେକ ପ୍ରାର୍ଥୀଙ୍କ ସେବାକୁ ନିୟମିତ କରିବା ପାଇଁ ସରକାର ସମ୍ବିଧାନର ବିପରୀତ କୌଣସି ନିଷ୍ପତ୍ତି ନେଇପାରିବେ ନାହିଁ – ଭାରତର ସମ୍ବିଧାନ, ଅନୁଚ୍ଛେଦ 320 ।*

*ହରିୟାଣା ରାଜ୍ୟ ବନାମ ପିଆରା ସିଂ,* **[1982] 4 SCC 118, ଉଲ୍ଲେଖ କରାଯାଇଛି ।**

ଦେୱାନୀ ଅପିଲ ଅଧିକାରିତା : ବିଶେଷ ଅନୁମତି ଆବେଦନ (ସି) ସଂଖ୍ୟା 16725/1996 ।

ଓ.ପି. ସଂଖ୍ୟା 17422/1993 ରେ କେରଳ ଉଚ୍ଚ ନ୍ୟାୟାଳୟଙ୍କ ତା 24.6.96 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀମାନଙ୍କ ପାଇଁ ମଥାଇ ଏମ୍. ପାଇକେଡେ, ସି.ଏନ୍. ଶ୍ରୀ କୁମାର ଏବଂ ଶାଜୁ ଫ୍ରାସିସ୍ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଆବେଦନକାରୀମାନଙ୍କୁ 1981 ରୁ 1985 ମଧ୍ୟରେ ରାଜ୍ୟ ସରକାରଙ୍କ ବାତଜ୍ୱର ବିଭାଗରେ କ୍ଷେତ୍ର କର୍ମଚାରୀ ଭାବରେ ନିଯୁକ୍ତି ଦିଆଯାଇଥିଲା । ପ୍ରଥମ ଦୃଷ୍ଟାନ୍ତରେ, ସେମାନେ ଡବ୍ଲ୍ୟୁ.ପି. ସଂଖ୍ୟା 250/92 ଦାଖଲ କରିଥିଲେ ଏବଂ ଉଚ୍ଚ ନ୍ୟାୟାଳୟ ସରକାରଙ୍କୁ ସେମାନଙ୍କ ପ୍ରତିବେଦନକୁ ବିଚାର କରିବାକୁ ଏବଂ ତା ଜାନୁଆରୀ 18,1993 ରିଖର ରାୟ ଦ୍ୱାରା ଏହାର ପରିସମାପ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଯେତେବେଳେ ସେମାନେ ଏହି ନ୍ୟାୟାଳୟଙ୍କୁ ଆସିଲେ, ଏହି ନ୍ୟାୟାଳୟ

ସରକାରଙ୍କୁ *ହରିୟାଣା ରାଜ୍ୟ ବନାମ ପିଆରା ସିଂ,* [1982] 4 SCC 118 ରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଧାରିତ ଆଇନର ଦୃଷ୍ଟିରେ ସେମାନଙ୍କ ମାମଲାଗୁଡ଼ିକୁ ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପରବର୍ତ୍ତୀ ସମୟରେ, ଯେହେତୁ ସରକାର କୌଣସି ପଦକ୍ଷେପ ନେଇନଥିଲେ, ଆବେଦନକାରୀମାନେ ଆଉ ଏକ ରିଟ୍ ଆବେଦନ ଦାଖଲ କରିଥିଲେ । ଇତି ମଧ୍ୟରେ, ଲୋକ ସେବା ଆୟୋଗ (ପି ଏସ୍ ସି) ସେହି ପ୍ରାର୍ଥୀମାନଙ୍କୁ ଚୟନ କରିଥିଲେ ଯେଉଁମାନଙ୍କୁ ନିଯୁକ୍ତି ଦିଆଯାଇ ନଥିଲା । ତେଣୁ, ଚୟନିତ ବ୍ୟକ୍ତିମାନେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ ରିଟ୍ ଆବେଦନ ଦାଖଲ କରିଥିଲେ । ଆବେଦନକାରୀମାନେ ନିୟମିତୀକରଣ ପାଇଁ ଉଚ୍ଚ ନ୍ୟାୟାଳୟରେ ରିଟ୍ ଆବେଦନ ମଧ୍ୟ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ ଓ.ପି. ସଂଖ୍ୟା 17422/93 ରେ ତା ଜୁନ୍ 24,1996 ରିଖର ଆକ୍ଷେପିତ ଆଦେଶରେ ଆବେଦନକାରୀମାନଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟ୍ ଆବେଦନଗୁଡ଼ିକର ସମୂହକୁ ଖାରଜ କରିଦେଇଥିଲେ, ଚୟନିତ ବ୍ୟକ୍ତିଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟ୍ ଆବେଦନକୁ ଅନୁମତି ଦେଇଥିଲେ ଏବଂ ପି ଏସ୍ ସି ମାଧ୍ୟମରେ ଚୟନ ହୋଇଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପି ଏସ୍ ସି ଦ୍ୱାରା ପ୍ରସ୍ତୁତ ଚୟନିତ ପ୍ରାର୍ଥୀଙ୍କ ତାଲିକାରୁ 30ଟି ଖାଲି ପଦବୀ ପୂରଣ ପାଇଁ ପି ଏସ୍ ସି କୁ ଅଧିଗ୍ରହଣ ପଠାଇବାକୁ ମଧ୍ୟ ଏହା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେଣୁ ଏହି ବିଶେଷ ଅନୁମତି ଆବେଦନ ।

ଆବେଦନକାରୀଙ୍କ ପାଇଁ ବିଜ୍ଞ ବରିଷ୍ଠ ଅଧିବକ୍ତା, ଶ୍ରୀଯୁକ୍ତ ଏମ୍.ଏମ୍. ପାଇକେଡେଙ୍କ ଦ୍ୱାରା ଏହା ଯୁକ୍ତି କରିବାକୁ ଅନୁରୋଧ କରାଯାଇଛି ଯେ, *ପିଆରା ସିଂ ଙ୍କ* ମାମଲାରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଧାରିତ ଆଇନକୁ ଦୃଷ୍ଟିରେ ରଖି ଏବଂ ଆବେଦନକାରୀମାନେ 14 ବର୍ଷରୁ ଅଧିକ ସମୟ ଧରି ଜାରି ରଖିଥିବା ତଥ୍ୟକୁ ଦୃଷ୍ଟିରେ ରଖି, ସେମାନଙ୍କୁ ନିୟମିତ କରାଯିବା ଆବଶ୍ୟକ । ଆମେ ଏହି ବିବାଦରେ କୌଣସି ଦୃଢତା ପାଇନାହୁଁ । ସ୍ୱୀକାରଯୋଗ୍ୟ, ଏହି ପଦବୀଗୁଡ଼ିକ ପି ଏସ୍ ସି ନିଯୁକ୍ତି ସର୍ତ୍ତାବଳୀ ଦ୍ୱାରା ଚୟନ ମାଧ୍ୟମରେ ପୂରଣ କରାଯିବ । ତେଣୁ, ଆବଶ୍ୟକୀୟ ଭାବରେ, ପି ଏସ୍ ସି ମାଧ୍ୟମରେ ଚୟନ ପାଇଁ ଅଧିଗ୍ରହଣ ପଠାଯାଇଥିଲା ଏବଂ ପ୍ରାର୍ଥୀମାନଙ୍କୁ ଚୟନ କରାଯାଇଥିଲା । ସେହି ପରିସ୍ଥିତିଗୁଡ଼ିକ ଅଧୀନରେ, ଯେଉଁ ପ୍ରାର୍ଥୀମାନେ ଯୋଗ୍ୟ ବିବେଚିତ ହୋଇଥିଲେ ଏବଂ ଚୟନ ହୋଇଥିଲେ ଏବଂ ପି ଏସ୍ ସି ଦ୍ୱାରା ନିଯୁକ୍ତି ପାଇଁ ସୁପାରିଶ ହୋଇଥିଲେ, ସେମାନଙ୍କୁ ନିଯୁକ୍ତ କରାଯିବା ଆବଶ୍ୟକ ଥିଲା । ଆବେଦନକାରୀଙ୍କ ସେବାକୁ ନିୟମିତ କରିବାକୁ ମନା କରିବାରେ ନ୍ୟାୟାଳୟ ଠିକ ଭାବରେ କ୍ଷମତା ପ୍ରୟୋଗ କରିଥିଲେ ।

ବିଜ୍ଞ ଅଧିବକ୍ତା ସରକାରଙ୍କ ଏକ ଆଦେଶ ଉପରେ ଭରସା କରିବାକୁ ଅନୁରୋଧ କରିଥିଲେ ଯେଉଁଠାରେ ସରକାର *କାମ ଚଳା* କର୍ମଚାରୀଙ୍କ ସେବାକୁ ନିୟମିତ କରିବାକୁ ନିଷ୍ପତ୍ତି ନେଇଥିଲେ । ସ୍ପଷ୍ଟତଃ,

ଯେହେତୁ ନିଷ୍ପତ୍ତି ସମ୍ବିଧାନର ଅନୁଚ୍ଛେଦ 320 ଅନ୍ତର୍ଗତ ବୈଧାନିକ ଆବଶ୍ୟକତାର ବିରୋଧରେ ଥାଏ, ପି ଏସ୍ ସି ମାଧ୍ୟମରେ ନିଯୁକ୍ତି ନିୟମାବଳୀ ଏବଂ ଚୟନ ପାଇଁ ବୈଧାନିକ ପ୍ରକ୍ରିୟା *ବ୍ୟତିରେକ* ପ୍ରାର୍ଥୀମାନଙ୍କ ସେବାକୁ ନିୟମିତ କରିବା ପାଇଁ ସରକାର ସମ୍ବିଧାନର ବିପରୀତ କୌଣସି ନିଷ୍ପତ୍ତି ନେଇପାରିବେ ନାହିଁ । ତେଣୁ, ଉଚ୍ଚ ନ୍ୟାୟାଳୟ, ପି ଏସ୍ ସି ଦ୍ୱାରା ଚୟନିତ ପ୍ରାର୍ଥୀମାନଙ୍କ ମଧ୍ୟରୁ ପୂରଣ କରିବା ପାଇଁ  30ଟି ଖାଲି ପଦବୀ ଏବଂ ଅନ୍ୟାନ୍ୟ କିମ୍ବା ଯେକୌଣସି ବିଦ୍ୟମାନ ଖାଲି ପଦବୀକୁ ସୂଚିତ କରିବାକୁ ସରକାରଙ୍କୁ ଠିକ ଭାବରେ ନିର୍ଦ୍ଦେଶ ଦେଇଛନ୍ତି ।

ତା'ପରେ ଏହା ଯୁକ୍ତି କରାଯାଏ ଯେ, ଆବେଦନକାରୀମାନେ ଅଧିକ ବୟସ୍କ ହୋଇଯାଇଛନ୍ତି ଏବଂ ତେଣୁ, ଅପୂରିତ ପଦବୀ ପୂରଣ କରିବା ଦ୍ୱାରା ସେମାନଙ୍କ ସେବାକୁ ନିୟମିତ କରିବା ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯାଇପାରେ । ଏପରିକି ସେହି ପ୍ରତିକାର ମଧ୍ୟ ମଞ୍ଜୁର କରାଯାଇପାରିବ ନାହିଁ । ଯଦି ଆବେଦନକାରୀମାନେ ନିଯୁକ୍ତି ତାରିଖରେ ଅଧିକ ବୟସ୍କ ହୋଇଥାଆନ୍ତି, ତେବେ ବୟସ ଆବଶ୍ୟକତାକୁ କୋହଳ କରିବା ଉପଯୁକ୍ତ ସରକାରଙ୍କ ଦାୟିତ୍ୱ ହେବ ଏବଂ ଆବେଦନକାରୀଙ୍କୁ ପ୍ରତୀକ୍ଷା କରିବାକୁ ପଡ଼ିବ ଏବଂ ପି ଏସ୍ ସି ମାଧ୍ୟମରେ ଚୟନ କରିବାକୁ ପଡ଼ିବ । ତେଣୁ ସେମାନେ ଯାହା ପାଆନ୍ତି ତାହା କେବଳ ପଦବୀରେ ନିଯୁକ୍ତିର ଅଧିକାର ଅଟେ ।

ତଦନୁସାରେ ବିଶେଷ ଅନୁମତି ଆବେଦନ ଖାରଜ କରାଯାଇଛି ।

ଜି.ଏନ୍.                                                    ଆବେଦନ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :- ସୁଧା ସୁରମ୍ୟା ସାହୁ**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**